# Akashvani, Sambalpur

# SAMBALPURI NEWS MORNING BULLETIN

# 24 March 2026 - 6.47- 6.52 am.

---

କୃଷି ବିଭାଗ୍ ଖର୍ଚ୍ଚା ଦାବି        ଆଇ ଆଣ୍ଡ୍ ପି.ଆର୍

ଚାଷୀମାନ୍‌କର୍ ପରିଶ୍ରମ୍ ବଳେ ଓଡ଼ିଶା ପୂର୍ବୋଦୟର୍ ବିକାଶ୍ କେନ୍ଦ୍ର ହେବା ବଲି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍‌ବର୍ଦ୍ଧନ୍ ସିଂହଦେଓ କହିଛନ । ଗଲାକାଏଲ୍ ବିଧାନ୍‌ସଭା ନ କୃଷି ବିଭାଗ୍‌ର ଖର୍ଚ୍ଚା ଦାବି ଆଲୋଚନାଥି ଭାଗ୍ ନେଇକରି ଶ୍ରୀ ସିଂହଦେଓ କହିଛନ୍, ଇ ବଛର୍ କୃଷି ବଜେଟ୍‌କେ ୧୪ ପ୍ରତିଶତ୍ ବଢ଼ାଯାଇଛେ । ୨୦୨୫-୨୬ ଆକଲନ୍ ଅନ୍‌ସାରେ ଓଡ଼ିଶାର୍ କୃଷି କ୍ଷେତ୍ରର୍ ଅଭିବୃଦ୍ଧି ହାର ୫ ଦଶ୍‌ମିକ୍ ୩ ପ୍ରତିଶତ୍ ରହିଛେ । ଯେନ୍‌ଟାକି ଭାରତ୍‌ର ଅଭିବୃଦ୍ଧି ହାରକେ ଟପିଛେ । ରାଏଜେ ଖାଦ୍ୟଶସ୍ୟ ଉତ୍ପାଦନ୍ ଆଘର୍ ବଛର୍‌ନୁ ବଢ଼ିକରି ଶହେ ୫୦ ଲାଖ୍ ମେଟ୍ରିକ୍‌ଟନ୍‌ନୁ ଅଏତ୍‌କା ହେଇଛେ । ଓଡ଼ିଶା ଇହାଦେ ୧୦ ଟା

ଦେଶ୍‌କେ ଶହେ ୫୫ ଦଶ୍‌ମିକ୍ ୬ ମେଟ୍ରିକ୍ ଟନ୍ ଫଲ୍ ଆର୍ ପନିପରିବା ରପ୍ତାନୀ କରୁଛେ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ସମବାୟ ବିଭାଗ୍ ଖର୍ଚ୍ଚା ଦାବି          ଆଇ ଆଣ୍ଡ୍ ପି.ଆର୍

ରାଏଜେ ଖୋବ୍ ଜଲ୍‌ଦି ୪ ଲାଖ୍ ମେଟ୍ରିକ୍ ଟନ୍ କ୍ଷମତାର ପଣ୍ୟାଗାର ନିର୍ମାଣ୍ ଲାଗି ସର୍‌କାର୍ ଲକ୍ଷ୍ୟ ରଖିଛନ୍ ବଲି ସମବାୟମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ କହିଛନ୍ । ବିଧାନ୍‌ସଭା ନ ଗଲାକାଏଲ୍ ସମବାୟ ବିଭାଗ୍‌ର ଖର୍ଚ୍ଚା ଦାବି ଆଲୋଚନା ବେଲ୍‌କେ ମନ୍ତ୍ରୀ କହିଛନ୍, ରାଏଜେ ଶହେ ଟା ଆଦର୍ଶ ମଣ୍ଡି ଥାପ୍‌ନା ଲାଗି ପଦକ୍ଷେପ୍ ମୁଲ୍ ହେଇଛେ । ସେଥିର୍‌ଭିତ୍‌ରୁ ୩୮ ଟା ଲାଗି କେବିନେଟ୍ ମଞ୍ଜୁରୀ ମିଲିସାରିଛେ । ଇ ବଛର୍ ଆଉ ୬୨ ଟା ମୋଡ୍ରେଲ୍ ମଣ୍ଡି ଲାଗି ପଦକ୍ଷେପ୍ ନିଆଯିବା । ରାଏଜେ ବ୍ୟବସାୟିକ ବିବିଧତା ଲାଗି ଏମ୍‌ପାକ୍ସ ନାଁଥି ଗୁଟେ ନୂଆଁ ଯୋଜ୍‌ନା ଅନାଯିବା ବଲି ସମବାୟ ମନ୍ତ୍ରୀ କହିଛନ୍ ।

ମିଶନ୍ ଶକ୍ତି - ସୁଧରିହାତି          ଆଇ ଆଣ୍ଡ୍ ପି.ଆର୍

ମିଶନ୍ ଶକ୍ତି ବିଭାଗ୍ ତର୍ଫୁ ଆଏଜ୍ ରାଜ୍ୟର୍ ସ୍ୱୟଂ ସହାୟକ ଗୋଷ୍ଠୀ ଆଉ ମହାସଂଘ ମାନ୍କୁ ସୁଧ ରିହାତି ସଙ୍ଗେ ରିଭଲ୍ଭିଂ ଫଣ୍ଡ, ଗୋଷ୍ଠୀ ବିନିଯୋଗ୍ ପାଣ୍ଠି ଆଉ ସାମାଜିକ୍ ସୁରକ୍ଷା ପାଣ୍ଠି ପ୍ରଦାନ୍ କରାଯିବା । ଭୁବ୍ନେଶ୍ୱର୍ ମିଶନ୍ ଶକ୍ତି ଭବନ୍ ପରିସର୍ ନ ଗୁଟେ ଖାସ୍ କାର୍ଯ୍ୟକ୍ରମ୍ ଜରିଏ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଇ ଅର୍ଥରାଶି ଫିରାବେ ବଲି ଜନାପଡ଼ିଛେ ।

ଗ୍ରୀଷ୍ମପ୍ରବାହ ମାର୍ଗଦର୍ଶିକା ଆଇ ଆଣ୍ଡ୍ ପି.ଆର୍

ଗ୍ରୀଷ୍ମପ୍ରବାହକେ ନେଇକରି ଶ୍ରମ ବିଭାଗ୍ ତର୍ଫୁ ଗଲାକାଏଲ୍ ନୂଆଁ ମାର୍ଗଦର୍ଶିକା ଜାରି କରାଯାଇଛେ । ମାର୍ଗଦର୍ଶିକା ଅନ୍ସାରେ ଏପ୍ରିଲ୍ ୧ ନୁ ଜୁନ୍ ୧୫ ତାରିଖ୍ ତକ୍ ନିର୍ମାଣ ଶ୍ରମିକ୍ମାନ୍କୁ ଦିନର୍ ୧୧ ବଜେନୁ ମଏଧାନର୍ ୩ ବଜେତକ୍ କାମ୍ କର୍ବାର୍ ଲାଗି ନିଯୁକ୍ତିଦାତାମାନେ ବାଧ୍ୟ କରି ନାଇଁପାରନ୍ । ଖରାଦିନେ ଶ୍ରମିକ୍ମାନ୍କର୍ ଲାଗି ଥଣ୍ଡା ପିଇବାର୍ ପାଏନ୍, ଛାଇ, ଡାକ୍ତରୀ ଚିକିତ୍ସା ବ୍ୟବସ୍ଥା ଆଉ ଓଆର୍ଏସ୍ ପେକେଟ୍ ମହଜୁଦ୍ ରଖ୍ବାର୍

ଲାଗି ନିଯୁକ୍ତିଦାତାମାନ୍‌କୁ ପରାମର୍ଶ ଦିଆଯାଇଛେ । ନିୟମ୍‌ଥି ଖିଲାପ୍ କଲେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ସଡ଼କ୍ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ୍ କଟକ୍ ସମ୍ବାଦଦାତା

ରାଜ୍ୟ ପରିବହନ୍ ବିଭାଗ୍ ତର୍‌ଫୁ ଗଲା ୨୧ ତାରିଖ୍‌ନୁ ସାରା ରାଏଜେ ଗାଡ଼ିମଟର୍ ଯାଂଚ୍ ସହେତେ ସଡ଼କ୍ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ପହେଲା ୨ ଦିନ୍ ଭିତ୍‌ରେ ଡ୍ରାଇଭିଂ ଲାଇସେନ୍ସ ବିନା ଗାଡ଼ି ଚଉଲଥିବା ଅଭିଯୋଗ୍‌ଥି ୩ ହଜାର୍ ଶହେ ୫୩ ଝନ୍‌କୁ ଚିହ୍ନଟ୍ କରାଯାଇଛେ । ହେଲ୍‌ମେଟ୍ ନାଇଁ ପିନ୍ଧିକରି ଗାଡ଼ି ଚଲଉଥିବା ଅଭିଯୋଗ୍‌ଥି ୩ ହଜାର୍ ଶହେ ୫୭ ଆଉ ଜୋର୍‌ରେ ଗାଡ଼ି ଚଲଉଥିବା ଅଭିଯୋଗ୍‌ଥି ୧ ହଜାର୍ ୫ ଶହ ୫୮ ଝନ୍‌କର୍ ଉପ୍‌ରେ ଚାଲାଣ୍ କରାଯାଇଛେ ବଲି ରାଜ୍ୟ ପରିବହନ୍ ପ୍ରାଧିକରଣ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଓଡ଼ିଶା ଖଦୀ ମେଲା ଆଇ ଆଣ୍ଡ୍ ପି.ଆର୍

ଭୁବନେଶ୍ୱର୍ ଖଦୀ ଆଉ ଗ୍ରାମୋଦ୍ୟୋଗ ବୋର୍ଡ୍ କାର୍ଯ୍ୟାଳୟ ନ ଗଲାକାଏଲ୍ ଓଡ଼ିଶା ଖଦୀ ମେଳା -୨୦୨୬ ଉଦ୍‌ଘାଟିତ୍ ହେଇଯାଇଛେ । ମେଳାକେ ଭୁବ୍‌ନେଶ୍ୱର୍ ଏକାମ୍ର ବିଧାୟକ ବାବୁ ସିଂ ଉଦ୍‌ଘାଟନ୍ କରିକରି ଖଦୀ ଆର୍ଥିକ୍ ସମୃଦ୍ଧିର୍ ଉସ୍ର ଆଉ ସ୍ୱଦେଶୀ ପ୍ରୀତିର୍ ପ୍ରତୀକ୍ ଆଏ ବଲି କହିଛନ୍ । ଇ ବଛର୍ ମେଳାଥି ୭୫ ଟା ଷ୍ଟଲ୍ ଖୁଲାଯାଇଛେ । ଷ୍ଟଲ୍ ମାନ୍‌କେ ଓଡ଼ିଶା ସହେତେ ଭିନ୍ ଭିନ୍ ରାଜ୍ୟର୍ ବୁଣାକାର୍ ଆଉ ଗ୍ରାମୋଦ୍ୟୋଗ କାରିଗର୍‌ମାନେ ନିଜର୍ ତିଆର୍ ଖଦୀ ଦରବ୍‌ମାନେ ବିକ୍ରି କରୁଛନ୍ ।

ଯକ୍ଷ୍ମା ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ସଂକ୍ରାମକ ରୋଗ୍ ଯକ୍ଷ୍ମା- ଟିବି ବାବ୍‌ଦେ ଲୋକ୍‌ମାନ୍‌କର୍ ଭିତ୍‌ରେ ସଚେତନତା ସୃଷ୍ଟି ଲାଗି ଫି ବଛର୍ ମାର୍ଚ୍ଚ ୨୪ ତାରିଖ୍ ବିଶ୍ୱ ଯକ୍ଷ୍ମା ଦିବସ୍ ପାଲନ୍ କରାଯାଉଛେ । ୧୮୮୨ ମସିହା ଆଝିର୍ ଦିନେ ଡକ୍ଟର୍ ରବର୍ଟ କୋଚ୍ ଯକ୍ଷ୍ମା ବେମାରି କରୁଥିବା ବେକ୍ଟେରିୟମ୍‌କେ ଆବିଷ୍କାର୍ କରିଥିଲେ । ଇ ଦିନ୍‌କେ ସୁର୍‌ତା କର୍‌ବାର୍ ଲାଗି ଆଏଜ୍

ଯକ୍ଷ୍ମା ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍ ବିଶ୍ୱ ଯକ୍ଷ୍ମା ଦିବସ୍‌ର ବାର୍ତା ରହିଛେ 'ଦେଶ୍‌ମାନ୍‌କର୍ ନେତୃତ୍ୱ ଆଉ ଜନ ସହଯୋଗ୍ ବଲେ ଆମେ ଯକ୍ଷ୍ମା ରୋଗ୍ ଶେଷ୍ କର୍‌ମା' । ୨୦୩୦ ତକ୍ ପୁର୍‌ଥିନୁ ଯକ୍ଷ୍ମା ଦୂର୍ କର୍‌ବାର୍ ଲାଗି ମିଲିତ୍ ଜାତିସଂଘ ଆଡୁ ଲକ୍ଷ୍ୟ ରଖାଯାଇଛେ । ଇ ଲକ୍ଷ ହାସଲ୍ କର୍‌ବାର୍ ଲାଗି ଭାରତ୍ ସର୍‌କାର୍‌ଙ୍କର୍ ତର୍‌ଫୁ ଭିଲ୍ ବହୁତ୍‌ଟେ ପଦକ୍ଷେପ୍ ନିଆଯାଉଛେ ।

ଶାନ୍ତି କମିଟି ବୈଠକ ସମ୍ବଲପୁର ସମ୍ବାଦଦାତା

ରାମ୍‌ନଅମୀ ଆଉ ହନୁମାନ୍ ଜୟନ୍ତୀ ପାଲନ୍ ଲାଗି ସମ୍ବଲ୍‌ପୁର୍ ଜିଲ୍ଲା ପରିଷଦ୍ ସମ୍ମିଲନୀ କକ୍ଷ ନ ଗଲାକାଏଲ୍ ଶାନ୍ତି ଆଉ ସମନ୍ୱୟ କମିଟିର୍ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଇ ବଛର୍ ସମ୍ବଲ୍‌ପୁର୍ ନ ରାମ୍‌ନଅମୀ ଆଉ ହନୁମାନ୍ ଜୟନ୍ତୀ ଶାନ୍ତିଶୃଙ୍ଖଲା ସହେତେ ପାଲନ୍ କର୍‌ବାର୍ ଲାଗି ଆଲୋଚନା କରାଯାଇଥିଲା । ପୁଲିସ୍ ତର୍‌ଫୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯିବା ଆଉ ଶୋଭାଯାତ୍ରା ସମିଆଥି କେନ୍‌ସି ଭିଲ୍ ରକ୍‌ମର୍ ବିଶୃଙ୍ଖଳା ଦେଖାଦେଲେ ତୁର୍‌ତି ପଦକ୍ଷେପ୍ ନିଆଯିବା । ଡ୍ରୋନ୍ ଆଉ ସିସିଟିଭି ଜରିଏ ସହରର୍ ଭିନ୍

ଭିନ୍ ଜାଗା ଉପ୍ରେ ଟିକ୍ନିକ୍ ନଜର୍ ରଖାଯିବା ବଲି ବୈଠକ୍ ନ ସୂଚ୍ନା ଦିଆଯାଇଛେ ।

ଜିଲ୍ଲାପାଲ୍-ସମନ୍ୱୟ କମିଟି ବୈଠକ       ବର୍ଗଡ୍ ସମ୍ବାଦଦାତା

ବର୍ଗଡ୍ ଜିଲ୍ଲାପାଲ୍ଙ୍କର୍ ସମ୍ମିଲନୀ କକ୍ଷ ନ ଜାତୀୟ ସିକିଲ୍ସେଲ୍-ଏନିମିଆ ନିରାକରଣ୍ କାର୍ଯ୍ୟକ୍ରମ୍ ଆଉ ଜାତୀୟ ତମାଖୁ ନିୟନ୍ତ୍ରଣ୍ କାର୍ଯ୍ୟକ୍ରମ୍ ବାବଦ୍ ଗୁଟେ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ୍ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଲ୍ ମହେନ୍ଦ୍ର ମହାପାତ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ଥି ଜିଲ୍ଲା ନ ଦୁହି କାର୍ଯ୍ୟକ୍ରମ୍ର ସଫଲ୍ ରୂପାୟନ୍ କର୍ବାର୍ ଦିଗେ ସଭେ ମିଶିକରି କାମ୍ କର୍ବାର୍ ବାବ୍ଦେ ଆଲୋଚନା କରାଯାଇଥିଲା ।

ଜାତୀୟ ଇନ୍ଡୋର୍ ଆଥ୍ଲେଟିକ୍ ଚାମ୍ପିଅନ୍ସିପ୍/ଆଇ ଆଣ୍ଡ୍ ପି.ଆର୍
ଭୁବନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଆଏଜ୍ଠାନୁ ପହେଲା ଜାତୀୟ ଇନ୍ଡୋର୍ ଆଥ୍ଲେଟିକ୍ ଚାମ୍ପିଅନ୍ସିପ୍ ମୁଲ୍ ହେଉଛେ । ରାଜ୍ୟ

କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ଆଉ ଭାରତୀୟ ଆଥ୍‌ଲେଟିକ୍ ସଂଘ ତର୍‌ଫୁ ହଉଥିବା ୨ ଦିନିଆ ପ୍ରତିଯୋଗିତାଥି ୨ ଶହ ୭୮ ଝନ୍ ଖେଲାଲି ଭାଗ୍ ନଉଛନ୍ । ଇଥି ଭିନ୍ ଭିନ୍ ବର୍ଗଥି ୩୬ ଟା ଖେଲ୍ ହେବା ।